# ପ୍ରଧାନପାଟ

## Pradhanpat

କୃଷି ସମାଚାର ପତ୍ରିକା

Krushi Samachara Patrika

Krishi Vigyan Kendra
Deogarh
Odisha University of
Agriculture & Technology
Bhubaneswar

କୃଷି ବିଜ୍ଞାନ କେନ୍ଦ୍ର
ଦେବଗଡ଼
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ଚତୁର୍ଦ୍ଦଶ ବର୍ଷ | ଏପ୍ରିଲ ୨୦୨୦ - ସେପ୍ଟେମ୍ବର ୨୦୨୦ | ପ୍ରଥମ ସଂଖ୍ୟା


### ଜିଲ୍ଲାରେ ନୂଆ : ଧାନ କିସମ




ମୃଣାଳିନୀ ଧାନ



ପ୍ରଧାନ ଧାନ




ମଉଡ଼ମଣି ଧାନ



### ମୁଖ୍ୟ ସଂପାଦକଙ୍କ କଲମରୁ .........

ଦେବଗଡ ଜିଲ୍ଲାର ସାମଗ୍ରିକ ଅର୍ଥନୀତି ମୁଖ୍ୟତଃ କୃଷି, ଉଦ୍ୟାନ କୃଷି, ପଶୁପାଳନ ଏବଂ ଜଙ୍ଗଲସମ୍ପଦ ଉପରେ ପର୍ଯ୍ୟବେସିତ । ଜିଲ୍ଲାର ସମୁଦାୟ ଭୌଗୋଳିକ କ୍ଷେତ୍ରର ଅର୍ଦ୍ଧାଧିକ ଅଂଶ ପାହାଡ ପର୍ବତ ଦ୍ୱାରା ପରିବେଷ୍ଟିତ । ମୋଟ ଚାଷ ଜମିର ମୁଖ୍ୟ ଭାଗ ଉଚ୍ଚ ଜମି କିସମର ଦୁଇ ତୃତୀୟାଂଶ ଜମି ଅଣଜଳ ସେଚିତ ଓ ମୃତ୍ତିକା ଅମ୍ଳୀୟ ।

ଏହି ସବୁ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଜିଲ୍ଲାର କୃଷି ଅର୍ଥନୀତିକୁ ସମୃଦ୍ଧ କରାଇବା ଜିଲ୍ଲା ପ୍ରଶାସନ ଓ କୃଷିଜୀବି ଅଧିବାସୀ ମାନଙ୍କ ପାଇଁ ଏକ କଷ୍ଟକର ବ୍ୟାପାର । ଚାଷୀ ଜମିରେ ନୂତନ ଜ୍ଞାନକୌଶଳ ପରୀକ୍ଷଣ କରାଇ ତାକୁ ଜିଲ୍ଲାରେ ଆଦୃତ କରାଇବା ଲକ୍ଷ୍ୟରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ୨୦୦୬ ମସିହା ରେ ଦେବଗଡ ଜିଲ୍ଲା ସଦର ମହକୁମାରେ କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଅଛି ।

କୃଷି ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କ୍ଷେତ୍ରରେ ଦେଖାଯାଉଥିବା ସମସ୍ୟାକୁ ଅନୁଧ୍ୟାନ କରି ଉଚିତ୍ ସମୟରେ ସଠିକ୍ ପଦକ୍ଷେପ ନେଇ କୃଷିକୁ ଏକ ଲାଭଜନକ ବ୍ୟବସାୟରେ କୃଷକ ସମ୍ପ୍ରଦାୟ ଆଗରେ ପ୍ରତିଷ୍ଠା କରିବାକୁ ଏହା ବିଭିନ୍ନ ପଦକ୍ଷେପ ଗ୍ରହଣ କରି ଆସୁଅଛି । ଶସ୍ୟ, ଡାଲି, ତୈଳବୀଜ, ପନିପରିବା ଏବଂ ଫଳଜାତୀୟ ପାରମ୍ପରିକ କ୍ଷେତ୍ରରେ ବୈଜ୍ଞାନିକ ଜ୍ଞାନକୌଶଳର ପ୍ରୟୋଗ ତଥା କ୍ଷୁଦ୍ର ଏବଂ ନାମମାତ୍ର ଶ୍ରେଣୀର ଚାଷୀମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ସମନ୍ୱିତ କୃଷି ପ୍ରଣାଳୀ ପଦ୍ଧତିକୁ ପ୍ରସାରିତ କରିବା ସହିତ ଏହା ଅନେକ ସ୍ୱରୋଜଗାର ମୂଳକ କାର୍ଯକ୍ରମ ଗ୍ରହଣ କରି ଆସୁଅଛି ।

ନୂତନ କିସମର ଡାଲି, ତୈଳବୀଜ, ପନିପରିବା, ଫଳ ଫସଲରେ ମଞ୍ଜି ଓ ଚାରା ଉତ୍ପାଦନ କରି ଚାଷୀମାନଙ୍କୁ ଯୋଗାଇଦେବା, କୃଷିଜୀବି ମହିଳା ଓ ଗୃହଣୀମାନଙ୍କୁ ଛତୁ ଚାଷ, ଫୁଲଚାଷ, ମହୁଚାଷ, କୁକୁଡା ଚାଷ ପରି ରୋଜଗାର ପନ୍ଥା ଯୋଗାଇବାରେ ଏହି କାର୍ଯ୍ୟାଳୟ ଜିଲ୍ଲାରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଅଛି । କରୋନା ମହାମାରୀ ସମୟରେ ମଧ୍ୟ କୃଷକମାନଙ୍କୁ ନୂତନ ଜ୍ଞାନ କୌଶଳ ପ୍ରଦାନ ସହ ସେସବୁର ବିକ୍ରୀର ସହଜ ରାସ୍ତା ଦେଖାଯାଇଛି । କୃଷିରେ ନିୟୋଜିତ ଜିଲ୍ଲାର ପଢୁଆ ଯୁବକ ଯୁବତୀ ମାନଙ୍କୁ ବିଭିନ୍ନ ସ୍ତରରେ ସମ୍ମାନିତ କରି ସମାଜରେ ତାଙ୍କ ମାନବୃଦ୍ଧି କରିବା ସହ ସେମାନଙ୍କୁ ଉତ୍ସାହିତ କରିଛି, ସେମାନେ ପରବର୍ତ୍ତୀ ଅବସ୍ଥାରେ ତାଙ୍କ ଗ୍ରାମ ପାଇଁ ସମୃଦ୍ଧିର ଆଲୋକ ବର୍ତ୍ତିକା ଭାବେ ସାବ୍ୟସ୍ତ ହୋଇଛନ୍ତି । ଗତ ଛ ମାସର କାର୍ଯ୍ୟାବଳୀରେ ପରିପୁଷ୍ଟ ଆମର "ପ୍ରଧାନପାଟ" କୃଷି ସମାଚାର ପତ୍ରିକା ର ଏହି ସଂସ୍କରଣ ଜିଲ୍ଲାର ସମସ୍ତ କୃଷିଜୀବି ମହିଳା, ପୁରୁଷ, କୃଷି ଅଧିକାରୀ ଓ ଅନୁସନ୍ଧିତ୍ସୁଙ୍କ ପାଇଁ ନୂତନ ବାର୍ତ୍ତା ଆଣିଦେବ, ଏଥିରେ ସନ୍ଦେହ ନାହିଁ ।

ବରଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼

# ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଆଧାରରେ ଅଣୁସାର ପ୍ରୟୋଗ କରନ୍ତୁ

## ଫୁଲକୋବି ଚାଷରେ ଅର୍କ ଜୀବାଣୁ ସାରର ପ୍ରୟୋଜନୀୟତା :

ଅମ୍ଳୀୟ ମାଟିରେ ଫୁଲକୋବି ଚାଷରେ କ୍ୟାଲସିୟମ୍ ଓ ବୋରନ୍ ଅଣୁସାର ଅଭାବରୁ ଉତ୍ପାଦିକତା ତଥା ତାର ଗୁଣବତ୍ତା ପ୍ରଭାବିତ ହୋଇଥାଏ । ଭାରତୀୟ ଉଦ୍ୟାନକୃଷି ଗବେଷଣା ପରିଷଦଦ୍ୱାରା ଉଦ୍ଭାବିତ ଅର୍କ ଜୀବାଣୁ ସାରରେ ଯବକ୍ଷାରଜାନ ବିବନ୍ଧକ, ଫସଫରସ୍, ଜିଙ୍କ୍ ଓ ବୋରନ୍ ଦ୍ରବୀଭୂତ ଜୀବାଣୁସାର ଥାଏ । କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଜିଲ୍ଲାର ଫୁଲକୋବି ଚାଷ ଏବଂ ଅମ୍ଳୀୟ ମାଟିକୁ ଲକ୍ଷ୍ୟ ରଖି ଅର୍କ ଜୀବାଣୁସାରର ଏହି ଚାଷରେ ପ୍ରୟୋଜନୀୟତା ଉପରେ ଏକ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ସାଲୋହୀ ଓ ବାଙ୍କଦର୍ହ ଗ୍ରାମର ଦଶଜଣ ଚାଷୀଙ୍କୁ ନେଇ କରାଯାଇଥିବା ଏହି ପରୀକ୍ଷଣରେ ଅର୍କ ଜୀବାଣୁସାର ୧୦ ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ ଚାରା ରୋପଣର ପରବର୍ତ୍ତୀ ଅବସ୍ଥାରେ ୧୫ ଦିନ ଅନ୍ତରରେ ୨ ଥର ଗଛର ମୂଳକୁ ଭିଜାଇ ପ୍ରୟୋଗ କରାଯାଇଥିଲା । ଏହି ପରୀକ୍ଷାର ଫଳାଫଳ ଅନୁସାରେ ଫସଲର ଉତ୍ପାଦିକତା ୮୫ କ୍ୱିଣ୍ଟାଲରୁ ୧୨୫ କ୍ୱିଣ୍ଟାଲ କୁ ବୃଦ୍ଧି ପାଇଥିଲା । ଏହା ବ୍ୟତୀତ ଫୁଲକୋବିର ଔଜଲ୍ୟତା ଓ ତାର ସଂରକ୍ଷଣ କ୍ଷମତା ଅଧିକ ରହିବାର ରେକର୍ଡ କରାଯାଇଥିଲା ।



## ଲିଚୁ ଚାଷରେ ଉତ୍ପାଦିକତା ବୃଦ୍ଧି ନିମନ୍ତେ ଖାଦ୍ୟସାରର ସଠିକ୍ ପରିଚାଳନା :

ଦେବଗଡ ଲିଚୁର ଚାହିଦା ରାଜ୍ୟ ଏବଂ ରାଜ୍ୟ ବାହାରେ ରହିଛି । ଏଠାକାର ଜଳବାୟୁ ଲିଚୁଚାଷ ନିମନ୍ତେ ଉପଯୋଗୀ ହୋଇଥିବାରୁ ପ୍ରାୟ ୬୧୦ ହେକ୍ଟର ପରିମିତ ଅଞ୍ଚଳରେ ଲିଚୁଚାଷ କରଯାଏ । ଉପରୋକ୍ତ କାରଣକୁ ଲକ୍ଷ୍ୟ ରଖି ଗତବର୍ଷ ରବି ଋତୁରେ ବାରକୋଟ୍ ବ୍ଲକ ଅନ୍ତର୍ଗତ କଲା, ଖୁଣ୍ଟାପୋଷି ଓ ସାତକିଆରୀ ଗ୍ରାମରେ ଖାଦ୍ୟସାର ପରିଚାଳନା ଉପରେ ଏକ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଜଳୀୟ ଅଂଶକୁ ସଂରକ୍ଷଣ କରି ଜଳସେଚନର ପରିମାଣକୁ ନିୟନ୍ତ୍ରିତ କରିବା ପାଇଁ ପ୍ରତିଟି ଗଛର ମୂଳକୁ ପତ୍ର ଦ୍ୱାରା ଆଚ୍ଛାଦନ କରାଯାଇଥିଲା । ମୃତ୍ତିକା ସ୍ୱାସ୍ଥ୍ୟକାର୍ଡର ଫଳାଫଳ ଅନୁସାରେ ପ୍ରତି ଗଛ ପିଛା ୪୦ କେଜି ଗୋବରଖତ, ୨ କେଜି ଏସ୍.ଏସ୍.ପି ଏବଂ ୫୦୦ ଗ୍ରାମ ଏମ୍.ଓ.ପି ସାର ପ୍ରୟୋଗ କରାଯାଇଥିଲା । ଫଳ ଫାଟିବାକୁ ନିୟନ୍ତ୍ରଣ କିରବା ପାଇଁ ବୋରନ୍ ଅଣୁସାର ୨ ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ ଫଳକଷି ଅବସ୍ଥାରେ ସିଞ୍ଚନ କରାଯାଇଥିଲା । ଯାହା ଫଳସ୍ୱରୁପ ଫଳ ଫାଟିବାକୁ ନିୟନ୍ତ୍ରଣ କରାଯାଇଥିଲା । ଚାଷୀ ନିଜସ୍ୱ ପଦ୍ଧତିରେ ହେକ୍ଟର ପିଛା ୮୫ କ୍ୱିଣ୍ଟାଲ୍ ଅମଳ ପାଇପାରୁଥିବା ସମୟରେ ଉପରୋକ୍ତ ଜ୍ଞାନକୌଶଳକୁ ଆପଣାଇ ହେକ୍ଟର ପିଛା ୧୨୦ କ୍ୱିଣ୍ଟାଲ୍ ପର୍ଯ୍ୟନ୍ତ ଅମଳ ପାଇପାରିଥଲେ ।



## ବିରି ଫସଲରେ ରାସାୟନିକ ପଦ୍ଧତିରେ ଘାସ ପରିଚାଳନା :

ଦେବଗଡ ଜିଲ୍ଲାରେ ସମୁଦାୟ ୮୭୩୦ ହେକ୍ଟର ଜମିରୁ ୭୭ ଭାଗ ଖରିଫ୍ ଋତୁରେ ଏବଂ ଅବଶିଷ୍ଟ ରବି ଋତୁରେ ଚାଷ କରାଯାଇଥାଏ । ଉକ୍ତ ଜମିରେ କରାଯାଉଥିବା ଏହି ଫସଲରେ ଘାସଦମନ ଏକ ମୂଖ୍ୟ ସମସ୍ୟା । ଘାସଦମନ ଠିକ୍ ସମୟରେ ନହେଲେ ଅମଳ ପ୍ରାୟ ୬୦ ରୁ ୭୦ ଭାଗ ହ୍ରାସ ପାଇଥାଏ । ଶ୍ରମିକଙ୍କ ଦ୍ୱାରା ହାତରେ ଘାସବଛା ବ୍ୟବସାପେକ୍ଷ ଏବଂ ଅଧିକ ପରିଶ୍ରମ କରିବାକୁ ପଡିଥାଏ । ଉପରୋକ୍ତ ସମସ୍ୟାକୁ ଲକ୍ଷ୍ୟ ରଖି ଚଳିତବର୍ଷ ଖରିଫ୍ ଋତୁରେ କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ ତରଫରୁ ରାସାୟନିକ ପଦ୍ଧତିରେ ଘାସ ନିୟନ୍ତ୍ରଣ ଉପରେ ଏକ ସଫଳ ପରୀକ୍ଷଣ କରାଯାଇଥିଲା । ମଞ୍ଜି ବୁଣିବାର ୨ ରୁ ୩ ଦିନ ମଧ୍ୟରେ ପେଣ୍ଡିମିଥାଲିନ୍ ହେକ୍ଟର ପିଛା ୨୫୦୦ମି.ଲି. (୫ ମିଲି/ ଲିଟର) ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରାଯାଇଥିଲା । ଏହା ଫଳସ୍ୱରୁପ ବିରି ଫସଲରେ ଅମଳ ହେକ୍ଟର ପିଛା ୪.୨ କ୍ୱିଣ୍ଟାଲ୍‌ରୁ ୬.୧ କ୍ୱିଣ୍ଟାଲ୍‌କୁ ବୃଦ୍ଧି ପାଇଥିଲା ।



## ପ୍ରୋଟ୍ରେ ମାଧ୍ୟମରେ ତରଭୂଜ ଫସଲରେ ଚାରା ଉତ୍ପାଦନ

ଜିଲ୍ଲାରେ ଉତ୍ପାଦିତ ତରଭୂଜ ମୂଖ୍ୟତଃ ରବିଋତୁରେ ହିଁ ହୋଇଥାଏ । କିନ୍ତୁ ଥଣ୍ଡା କାରଣରୁ ମଞ୍ଜିରୁ ଗଜା ବାହାରିବାରେ ବିଳମ୍ବ ହେବା ସହ ବହୁତ ମଞ୍ଜି ନଷ୍ଟ ହୁଏ । ଏହାର ଗୁଣବତ୍ତା ଓ ଅମଳ ବି ପ୍ରଭାବିତ ହୁଏ । ନିରୋଗ ଓ ଉତ୍କୃଷ୍ଟ ମାନର ଚାରା ଉତ୍ପାଦନ ନିମନ୍ତେ ଗତବର୍ଷ ରବି ଋତୁରେ କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ ତରଫରୁ ତିଲେଇବଣି ବ୍ଲକ ଅନ୍ତର୍ଗତ ସୁଗୁଡା ଗ୍ରାମ ଏବଂ ବାରକୋଟ୍ ବ୍ଲକ ଅନ୍ତର୍ଗତ ମସିଣିତା ଗ୍ରାମରେ ପରୀକ୍ଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୨୦ ଜଣ ଚାଷୀଙ୍କୁ ପ୍ରୋଟ୍ରେ ମାଧ୍ୟମରେ ଚାରା ଉତ୍ପାଦନ ନିମନ୍ତେ ପ୍ରୋଟ୍ରେ ଓ କୋକୋପିଟ୍ ପ୍ରଦାନ କରାଯାଇଥିଲା । ପ୍ରୋଟ୍ରେରେ ଖତ ମିଶା କୋକୋପିଟ୍ ଭର୍ତ୍ତିକରି ଗୋଟିଏ ଖୋପରେ ଗୋଟେ ଲେଖାଏଁ ମଞ୍ଜି ଦିଆଯାଇଥିଲା । ଗଛର ମୃତ୍ୟୁହାର ୪୦ ପ୍ରତିଶତ ହ୍ରାସ ପାଇଥିଲା । ମଞ୍ଜିରୁ ଗଜା ବାହାରିବାର ହାର ୫୦ ପ୍ରତିଶତ ବୃଦ୍ଧି ପାଇଥିଲା । ଅମଳ ଫେବ୍ରୁୟାରୀ ମାସ ଶେଷ ବେଳକୁ ଆରମ୍ଭ ହୋଇଯାଇଥିଲା ।



## ପୋଷଣ ଅଭିଯାନ ଏବଂ ମହିଳା କୃଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଳନ

ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ତା ୧୭.୦୮.୨୦୨୦ ରିଖ ଦିନ ଭାରତୀୟ କୃଷି ଓ ଗବେଷଣା ପରିଷଦଓ ଇଫ୍‌କୋର ମିଳିତ ଆନୁକୁଲ୍ୟରେ ପୋଷଣ ଅଭିଯାନ ତଥା ମହିଳା କୃଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଯୋଗଦେଇ କୃଷି ଓ ପୋଷଣ ମଧ୍ୟରେ ଥିବା ସମ୍ବନ୍ଧର ଅବତାରଣା କରିଥିଲେ ଏବଂ ପୋଷଣ ଅଭିଯାନର ମହତ୍ତ୍ୱ ଓ ଆବଶ୍ୟକତା ସଂପର୍କରେ ସବିଶେଷ ଆଲୋଚନା କରିଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକର ମହିଳା କୃଷକ ଏବଂ ଅଙ୍ଗନବାଡି କର୍ମୀମାନେ ଏହି ଅଭିଯାନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ଓଡିଶା ଜୀବିକା ମିଶନର ଅଧିକାରୀ ଶ୍ରୀମତି ସ୍ମରଣିକା ମହାପାତ୍ର ଦେଶର ଉନ୍ନତିରେ ମହିଳା ମାନଙ୍କ ଯୋଗଦାନ ସଂପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଇଫକୋ ଅଧିକାରୀ ଶ୍ରୀ ଟୁନା ସାହୁ ପୋଷଣ ଅଭିଯାନରେ ସାମିଲ ହୋଇ ଦେଶରୁ ପୁଷ୍ଟିହୀନତା ଦୁର ହୋଇ ପାରିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦୦ ଜଣ ମହିଳାଚାଷୀ ଏବଂ ଅଙ୍ଗନବାଡି କର୍ମୀ ଯୋଗଦାନ କରିଥିଲେ । ଏହି ଅବସରରେ ସମସ୍ତଙ୍କୁ ଇଫକୋ ପ୍ରଦତ୍ତ ପୋଷଣ କିଟ୍, ଆମ୍ବଚାରା ଏବଂ ଛତୁ ବିହନ ପ୍ରଦାନ କରାଯାଇଥିଲା ।




## କୃଷି ବିଜ୍ଞାନ କେନ୍ଦ୍ରରେ ଓୟୁଏଟିର ୫୯ତମ ପ୍ରତିଷ୍ଠା ଦିବସ ପାଳନ

ତା ୨୪.୦୮.୨୦୨୦ ରିଖ ଦିନ କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ୫୯ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା । ଭୁବନେଶ୍ୱର ସ୍ଥିତ କୃଷି ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମକୁ କୃଷି ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଡଃ ଅରୁଣ କୁମାର ସାହୁ, ବିଶ୍ୱ ବିଦ୍ୟାଳୟର କୁଳପତି ଡଃ ପବନ କୁମାର ଅଗ୍ରୱାଲ୍, ସଂପ୍ରସାରଣ ଅଧକ୍ଷ ଡଃ ଲଳିତ ମୋହନ ଗଡନାୟକ ପ୍ରମୁଖ ଉଦ୍‌ଘାଟନ କରିଥିଲେ । ଏହାକୁ କେନ୍ଦ୍ରର ସମ୍ମଳନୀ କକ୍ଷରେ ୱେବ୍ ମାଧ୍ୟମରେ ସମବେତ ଚାଷୀ ମାନଙ୍କୁ ଦେଖାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ସାହୁ ଜିଲ୍ଲାର କୃଷି ଉଦ୍ୟୋଗୀ ଭାବେ ବସାଲଇ ଗ୍ରାମର ସମ୍ମନ୍ୱିତ ପ୍ରଣାଳୀରେ ଚାଷ କରିଥିବା ଚାଷୀ ପ୍ରଭାସ ମିଶ୍ର ଏବଂ ତିଲେଇବଣୀ ବ୍ଲକର ଆଗୁଆ ଚାଷୀ ବଳରାମ ଗଡନାୟକଙ୍କୁ ଅନଲାଇନ୍‌ରେ ସମ୍ବର୍ଦ୍ଧିତ କରିଥିଲେ । ଦେବଗଡ କୃଷି ବିଜ୍ଞାନ କେନ୍ଦ୍ରର ଷାଣ୍ମାସିକ କୃଷି ସମାଚାର ପତ୍ରିକା ପ୍ରଧାନପାଟର ୧୫ ତମ ସଂସ୍କରଣକୁ ମଧ ଡଃ ସାହୁ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସମେତ କେନ୍ଦ୍ରର ସମସ୍ତେ ବୈଜ୍ଞାନିକ ଅଂଶ ଗ୍ରହଣ କରିଥିଲେ । ଏହା ପରେ କୃଷକ ବୈଜ୍ଞାନିକ ମତ ବିନିମୟର କାର୍ଯ୍ୟକ୍ରମକୁ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ସଂଯୋଜନା କରିଥିଲେ ।



## ପଙ୍ଗପାଳ ପରିଚାଳନା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ତା ୦୩.୦୬.୨୦୨୦ ରିଖ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ପଙ୍ଗପାଳ ପରିଚାଳନା ଉପରେ ଏକ ଜିଲ୍ଲା ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପଙ୍ଗପାଳ କୀଟରେ ପରିଚାଳନା ନିମନ୍ତେ ଜିଲ୍ଲା ତଥା ରାଜ୍ୟ ସ୍ତରରେ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ପଙ୍ଗପାଳ କୀଟ ଜନିତ ବିଭିନ୍ନ ଫସଲ, ଜଙ୍ଗଲ ଫସଲରେ ହେଉଥିବା କ୍ଷତି ଓ ତାର ନିରାକରଣ ପାଇଁ ଜିଲ୍ଲା ସ୍ତରରେ ଗ୍ରହଣ କରାଯାଇଥିବା ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ସବିଶେଷ ଆଲୋଚନା କରିଥିଲେ । କେନ୍ଦ୍ରର ଶସ୍ୟ ସଂରକ୍ଷଣ ବୈଜ୍ଞାନିକ ଚିତ୍ର ମାଧ୍ୟମରେ ଏହି କୀଟର ଜନ୍ମ, ପ୍ରକୃତି, ଆଚାର ବ୍ୟବହାର, ରାସାୟନିକ, ଜୈବିକ ତଥା ଯାନ୍ତ୍ରିକ ନିୟନ୍ତ୍ରଣ ପଦ୍ଧତି ଉପରେ ସମସ୍ତଙ୍କୁ ଦର୍ଶାଇଥିଲେ । ଜିଲ୍ଲା ଉଦ୍ୟାନକୃଷି ଉପନିର୍ଦ୍ଦେଶକ ବର୍ତ୍ତମାନ ଫସଲ ପନିପରିବା ଓ ଫଳଚାଷୀ ମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବନାଞ୍ଚଳ ଅଧିକାରୀ, ଅଗ୍ନିନିର୍ବାପକ ଅଧିକାରୀ, ସହକାରୀ କୃଷି ଅଧିକାରୀ, କୃଷି ପରିଦର୍ଶକ, ବ୍ଲକ ସହକାରୀ ଉଦ୍ୟାନକୃଷି ଅଧିକାରୀ, ଜିଲ୍ଲା ନୋଡାଲ ଅଫିସର ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ କେନ୍ଦ୍ରର ବୈଜ୍ଞାନିକ ଙ୍କ ଉପସ୍ଥିତିରେ ଏକ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



## ଆତ୍ମ ନିର୍ଭର କୃଷି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ବାର୍ତ୍ତାର ସିଧା ପ୍ରସାରଣ

ଜିଲ୍ଲା କୃଷି ବିଜ୍ଞାନକେନ୍ଦ୍ର ସମ୍ମିଳନୀ କକ୍ଷରେ ତା ୦୯.୦୮.୨୦୨୦ ରିଖ ଦିନ ଆତ୍ମ ନିର୍ଭର କୃଷି ଉପରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାର ସିଧାପ୍ରସାରଣ କରାଯାଇଥିଲା । ଅନ୍ୟ ଉପରେ ନିର୍ଭରଶୀଳ ନହୋଇ ନିଜେ କୃଷି କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ଏବଂ ଏକ ଆତ୍ମ ନିର୍ଭରଶୀଳ ଦେଶ ଗଠନରେ ସହାୟକ ହେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଦେଶର ଅଧିକାଂଶ ଲୋକ କୃଷି ଉପରେ ନିର୍ଭରଶୀଳ ଏବଂ କୃଷି କ୍ଷେତ୍ରରେ ଆତ୍ମ ନିର୍ଭର ହୋଇ ଏକ ଆତ୍ମ ନିର୍ଭର ଭାରତର ନିର୍ମାଣ ଗଠନରେ ସମସ୍ତଙ୍କର ଭୂମିକାକୁ ପ୍ରଧାନମନ୍ତ୍ରୀ ଅବତାରଣା କରିଥିଲେ । ଆନ୍ତ ରାଜ୍ୟ ବ୍ୟବସାୟକୁ ସୁଗମ କରି ଚାଷୀର ଆୟକୁ ବୃଦ୍ଧି କରିବା, ଚୁକ୍ତି ଭିତ୍ତିକ କୃଷିକୁ ପ୍ରୋତ୍ସାହନ ଦେବା ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଆଦି କ୍ଷେତ୍ରରେ ନିବେଶକୁ ତ୍ୱରାନ୍ୱିତ କରି ଆତ୍ମନିର୍ଭରଶୀଳ ଭାରତ ନିର୍ମାଣ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ସମେତ ପ୍ରାୟ ୨୦ ଜଣ ଚାଷୀ ଉପସ୍ଥିତ ଥିଲେ ।



## ସଫଳ ଚାଷୀର ଗାଥା

### ଉନ୍ନତ ଛେଳି ପାଳନ, ଦେଇଛି ସ୍ୱତନ୍ତ୍ର ପରିଚୟ : ଗୋସାଇଁ ମିଞ୍ଜ୍

ଛେଳିଚାଷ ଆବାହନମାନ କାଳରୁ ଜୀବିକାର ଏକ ପ୍ରମୁଖ ଅଙ୍ଗ । ଗରିବ କୃଷକ ପରିବାରକୁ ଛେଳି ଚାଷ ଆୟ ସହ କାର୍ଯ୍ୟ ଯୋଗାଇଥାଏ । ଏହାକୁ ଏକ ନୂତନ ଦିଶା ପ୍ରଦାନ କରି ଆଦିବାସୀ ଅଧ୍ୟୁଷିତ ସୋଡୋ ପଞ୍ଚାୟତ କାଲ୍‌ଚିପୋଡାଡିହି ଗ୍ରାମର ଗୋସାଇଁ ମିଞ୍ଜ୍ ନିଜର ଆର୍ଥିକ ମାନଦଣ୍ଡ ଉନ୍ନତ କରିବା ସହ ନିଜ ଗ୍ରାମ ଓ ପଡୋଶୀ ଗ୍ରାମର ଗରିବ ଲୋକଙ୍କ ପାଇଁ ରାସ୍ତା ଦେଖାଇଛନ୍ତି । ବର୍ତ୍ତମାନ ନିଜର ୭୦ ଗୋଟି ଛେଳିଙ୍କ ନିମନ୍ତେ ଏକ ଉନ୍ନତ ବୈଜ୍ଞାନିକ ସମ୍ମତ ଗୃହ ନିର୍ମାଣ କରିଛନ୍ତି । ଏହା ପ୍ରତ୍ୟେକ ଛେଳିର ରହଣି ପର୍ଯ୍ୟାପ୍ତ ସ୍ଥାନ, ବାୟୁ ଓ ଆଲୋକ ପ୍ରଦାନ କରୁଛି । ତାଙ୍କର ମଳ ଓ ମୁତ୍ର ନିଷ୍କାସନର ସୁବ୍ୟବସ୍ଥା ପାଇଁ ଭାଡି କରି ତା ତଳକୁ ଏକ ସ୍ୱତନ୍ତ୍ର ପଦ୍ଧତିରେ ନିର୍ଗମନ ପାଇଁ ବ୍ୟବସ୍ଥା କରିଛନ୍ତି । ଏହା ତାଙ୍କ ଛେଳିର ଶରୀର ବୃଦ୍ଧି, ରୋଗ ହୀନତା, ଓ ପରିପୁଷ୍ଟତାକୁ ବର୍ଦ୍ଧିତ କରୁଛି । ଏହା ବ୍ୟତିତ ନିୟମିତ ଟୀକା କରଣ, କୃମି ନିରାକରଣ ଦ୍ୱାରା ଛେଳି ମାନଙ୍କର ସ୍ୱାସ୍ଥ୍ୟ ଠିକ୍ ରହିବାର ପନ୍ଥା ଆପଣେଇଛନ୍ତି । ଶ୍ରୀଯୁକ୍ତ ମିଞ୍ଜ୍ । ଗୋଟିଏ ପୁରୁଷ ବ୍ଲାକ୍ ବେଙ୍ଗଲ୍ ଉନ୍ନତ ପ୍ରଜାତିର ରଖି ପ୍ରଜନନକୁ ଉନ୍ନତ ମାନର କରାଉଛନ୍ତି । କୃଷି ବିଜ୍ଞାନ କେନ୍ଦ୍ର ଓ ଜିଲ୍ଲା ପଶୁପାଳନ ବିଭାଗ ତାଙ୍କୁ ଏଥିରେ ସହଯୋଗ କରିବାରୁ ତାଙ୍କର ଆୟବୃଦ୍ଧି ସହ ବିକ୍ରିର ମଧ୍ୟ ଉଚିତ୍ ଦର ପାଇପାରିଛନ୍ତି । ଏହି ଛେଳି ଚାଷରୁ ବାର୍ଷିକ ହାରାହାରି ୭୦୦୦୦ ରୁ ଅଧିକ ରୋଜଗାର କରିବା ସହ ତିଲେଇବଣି ବ୍ଲକର ଜଣେ ଆଗୁଆ ଛେଳି ଚାଷୀର ମାନ୍ୟତା ପାଇ ପାରିଛନ୍ତି ଶ୍ରୀଯୁକ୍ତ ମିଞ୍ଜ୍ । ଜିଲ୍ଲା ପ୍ରଶାସନ ଦ୍ୱାରା ଗତ ୨୦୧୯ ମସିହାରେ ସେ ତାଙ୍କର ଉତ୍କୃଷ୍ଟତା ପାଇଁ ପ୍ରଶଂସିତ ଓ ସମ୍ବର୍ଦ୍ଧିତ ହୋଇପାରିଛନ୍ତି ।



## ଆମ ଚାଷୀ - ଆମ ଗୌରବ



ପ୍ରଦୀପ ଲାକ୍ରା- ଫାର୍ମ କ୍ୟାପ୍ଟେନ୍



ଦେବେନ୍ଦ୍ର ଧଳ- ଫାର୍ମର୍ ପ୍ରଫେସର



ଗିତାଞ୍ଜଳୀ ବେହେରା- ସ୍ମାର୍ଟହୋମ୍ ମେକର୍



ଗାନ୍ଧୁରୁ ମିଞ୍ଜ୍

This Newsletter is published by Sr. Scientist and Head, Krishi Vigyan Kendra, Deogarh, Pin.: 768119
e-mail: kvkdeogarh.ouat@gmail.com, Web : www.kvkdeogarhzpdvii.org
Printed at : K.K. Graphics, Deogarh Mob - 9437088962
Editor : Chinmay Mishra Chief Editor : Dr. Sujit Kumar Nath